ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**CLASS :** IV
**SUBJECT :** ପାଠ ୨
**CHAPTER NAME :** ହଜିଲା ଦିନ ର କଥା
**SUB TOPIC :** ଉପକ୍ରମ , ବିଷୟବସ୍ତୁ ପଠନ




Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ODM
EDUCATIONAL GROUP
Changing your Tomorrow











# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ODM EDUCATIONAL GROUP
Changing your Tomorrow



ପଣ୍ଡିତ ଗୋପବନ୍ଧୁ ଦାସ ପୁରୀ ଜିଲ୍ଲା ର ସୁଆଣ୍ଡୋ ଗ୍ରାମରେ ଜନ୍ମ ନେଇଥିଲେ । □□□□ଧୀନତା ର ସଂଗ୍ରାମରେ ସେ ଥିଲେ ଜଣେ ଆଗଧାଡିର ଯୋଦ୍ଧା । ନିଜର କଲମ ବଳରେ ସେ ଇଂରେଜ ମାନଙ୍କ ବିରୁଦ୍ଧରେ ନିଜର ସଂଗ୍ରାମ ଆରମ୍ଭ କରିଥିଲେ। ଓଡ଼ିଆ ସମ୍ବାଦ ପତ୍ର "ସମାଜ" ର ସେ ଥିଲେ ପ୍ରତିଷ୍ଠାତା ।

# ରମାଦେବୀ ଚୌଧୁରୀ

ODM
EDUCATIONAL GROUP
Changing your Tomorrow



ଭାରତରେ ଇଂରେଜଙ୍କ ବିରୁଦ୍ଧରେ ହୋଇଥିବା ଅସହଯୋଗ ଆନ୍ଦୋଳନ ର ସେ ଥିଲେ ଜଣେ ମୂଖ୍ୟ ପୁରୋଧା । ମହାତ୍ମାଗାନ୍ଧୀଙ୍କୁ ସହଯୋଗ କରି ସେ ଆରମ୍ଭ କରିଥିଲେ ଇଂରେଜଙ୍କ □□ରୁଦ୍ଧରେ ନିଜର ଆନ୍ଦୋଳନ । ସେ ଏକାଧାର ରେ ଥିଲେ ଜଣେ □□□□ଧୀନତା ସଂଗ୍ରାମୀ ଓ ସାମାଜିକ ସଂସ୍କାରିକା । ତାଙ୍କୁ ଓଡିଶାର ଜଣସାଧାରଣ ସ୍ନେହରେ " ମା " ବୋଲି ଡାକୁଥିଲେ ।

# ଜୟୀ ରାଜଗୁରୁ



ଖୋର୍ଦ୍ଧାଗଡ଼ର ରାଜା ମୁକୁନ୍ଦ ଦେବ (□□□□ତୀୟ) ଙ୍କ ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟ ପୁରୋହିତ ଜୟୀ ରାଜଗୁରୁ ଇଂରେଜଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ । ଇଂରେଜ ମାନେ ତାଙ୍କୁ ବନ୍ଦୀ କରି ବାଘି ତୋଟାରେ ମୃତୁଦଣ୍ଡ ଦେଇଥିଲେ ।

# ମଧୁସୂଦନ ଦାସ

ODM
EDUCATIONAL GROUP
Changing your Tomorrow



# ହଜିଲା ଦିନର କଥା

ରମେଶ ଚନ୍ଦ୍ର ଭଞ୍ଜ

ସକାଳବୁଲା ଦେହକୁ ବଡ଼ ହିତ । ବେଶ ଫୁର୍ତ୍ତି ଲାଗେ, ସତେଜ ଲାଗେ । ସେଦିନ ମଧୁବାବୁ ସବୁଦିନ ପରି ସକାଳ ବେଳ ସାରି କୋଠିକୁ ଫେରି ଆସୁଥାନ୍ତି । ନିତି କିଲ୍ଲା ପଡିଆରେ ଘେରାଏ ବୁଲି ନ ଆସିଲେ ବାବୁଙ୍କୁ ଶାନ୍ତି ଲାଗେ ନାହିଁ । ବେଳେ ବେଳେ ବାରବାଟୀ କୁଳେକୁଳେ ଥୋଡିଏ ବାଟ ଚାଲିଯାନ୍ତି । ହାତ ରେ ଥାଏ ଶିଙ୍ଘ ବାଡ଼ି । ଘରଲେଉଟାଣି ମନଟା ଟିକିଏ ହାଲୁକା ଲାଗେ । ଶିଙ୍ଘ ବାଡ଼ି ଟା ହାତ ରେ ଘୁରୁଥାଏ । କାଳି ଅନ୍ଧାର ରୁ ସେ ବାହାରି ଯାନ୍ତି । ଫେରୁ ଫେରୁ କଅଁଳ ଖରା ପଡିଯାଇଥାଏ ।

ସେଦିନ କାହିଁକି କେଜାଣି ଟିକେ ସଅଳ ଫେରି ଆସିଥାନ୍ତି । ହତା ଭିତରେ ପଶୁ ପଶୁ ଆଖିରେ ପଡିଲା ଗିନା, ଗଡୁ, ଠେକି , ଢାଳ  ଥୁଆ ହୋଇଛି । କୋତରା ଲୁଗା ପିନ୍ଧା ସ୍ତ୍ରୀଲୋକ କେତୋଟି ଅପେକ୍ଷା କରି ଠିଆ ହୋଇଛନ୍ତି । ସେମାନଙ୍କ କାଖରେ କୁନି କୁନି ଛୁଆ । ବାବୁଙ୍କୁ ଦେଖି ସଭିଏଁ ଶଙ୍କି ଗଲେ । ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି, ଛୁଆ ଙ୍କ ଚେହେରା ତାକୁ ବଳି । ସମସ୍ତଙ୍କ ମୁଣ୍ଡ ନୁଖୁରା, ହାଡୁଆ ଦେହକୁ ଠାକରା ମୁହଁ । ଓଠ ଶୁଖିଲା , ଆଖି ନିସ୍ତେଜ, ଛୁଆଗୁଡ଼ିଙ୍କ ଦେହ ଫୁଙ୍ଗୁଳା , ପତଳା ଓ ଦୁର୍ବଳ ଚେହେରା ।

ODM EDUCATIONAL GROUP
Changing your Tomorrow

ବାବୁ କାବା ହେଲେ, ଏମାନେ ଆଜି କୁଆଡ଼େ ! ଏଠାରେ କାହିଁକି ! ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ବାବୁ ପଚାରିଲେ

- କୁଆଡ଼େ ସବୁ ଆସିଛ ?
- କ୍ଷୀର ପାଇଁ। ଏଇ ପିଲାଙ୍କ ସକାଶେ।
- କିଏ କ୍ଷୀର ଦେବ ?
- ସୁଦାମ ଭଲ କ୍ଷୀର ଟିକିଏ ଦଉଚି ତ.......... ।

ସୁଦାମର ଘର ବିଡ଼ାନାସୀରେ। ସେ ବାବୁଙ୍କ ଗାଈମାନଙ୍କର ହେପାଜତ୍ କରେ। ଗୁହାଳ ଗୋବର, ଚୂନି, ଚୋକଡ଼, ନଡ଼ା, କୁଟା, ଘାସ, କୋଳଥ ସବୁ ତଦାରଖ କରେ। ଖାଇପିଇ ବାବୁଙ୍କ ଘରେ ଥାଏ। ବେଳେବେଳେ ଅନ୍ୟ ବୋଲହାକ କରେ।

ODM
EDUCATIONAL GROUP
Changing your Tomorrow

ବାବୁ ତଲାସ କରି ବୁଝିଲେ, ଏମାନେ ଆଜି କେବଳ ଆସି ନାହାନ୍ତି । ଏମିତି ଗଲା କେତେଦିନ ଧରି ଆସୁଛନ୍ତି । ପୁଣି ପଇସା ଦେଇ କ୍ଷୀର ନେଉଛନ୍ତି । କିଏ ପାଏ ତ କିଏ ଅଧପାଏ । ସବୁ ପଇସା ଦେଉଛନ୍ତି ସୁଦାମକୁ । ବାବୁଙ୍କର ମଥାକୁ ରାଗ ଚଢ଼ିଗଲା, ମନେମନେ ସେ ନିଆଁ ହୋଇଗଲେ ସୁଦାମ ଉପରେ । ତାଙ୍କ ଅଜାଣତରେ ସୁଦାମ କ୍ଷୀର ବିକି ପଇସା ରଖୁଛି ? ଆଜି ସୁଦାମ ଘରୁ ବିଦା ହେବ । ହେଲେ ସୁଦାମ ତ ସେପରି ଲୋକ ନୁହେଁ ଏତେଦିନ ଧରି ରହିଲାଣି, ବାବୁଙ୍କର ଲୋକ ଚିହ୍ନିବାରେ ତେବେ କ'ଣ ଏତେ ଭୁଲ୍ ରହିଗଲା ?

ସୁଦାମକୁ ପାଖକୁ ଡାକି ବାବୁ ପଚାରିଲେ । ସୁଦାମ ସିଧାସିଧା ମାନିଗଲା । ସିଏ କାହିଁକି ଲୁଚାଇବ ! କୋଠି ଖର୍ଚ୍ଚ ବାଦ୍ କ୍ଷୀର ଢେର୍ ବଳକା ହେଉଛି । ସେ କ୍ଷୀର ଆଉ କ'ଣ ହେବ ? ତେଣୁ ସେ ବିକି ଦେଉଛି । ସେହି ପଇସାରେ ଗାଈଙ୍କ ପାଇଁ ଚୂନି, ଚୋକଡ଼, ପିଡ଼ିଆ, ନଡ଼ାପାଳ, କିଣି ଖାଇବାକୁ ଦେଉଛି ।

ODM EDUCATIONAL GROUP
Changing your Tomorrow

ଏ ସବୁ ଶୁଣି ଗର୍ଜି ଉଠିଲେ ବାବୁ - "ହଇରେ ! ମଧୁ ଦାସ ଶେଷକୁ କ୍ଷୀର ବିକିବ ? ଛିଃ-ଛିଃ ! ତା' ପୁଣି ଏଇ ଗରିବ ଲୋକଗୁଡ଼ାଙ୍କୁ ! ଲୋକେ ଶୁଣିଲେ କ'ଣ କହିବେ ? ଗାଈଙ୍କର ଯଦି ଦାନାର ଅଭାବ ହେଉଛି ମୋତେ ଜଣାଇଲୁ ନାହିଁ ? ଖାଇବାକୁ ଦେଇ ନ ପାରିଲେ ମଧୁ ଦାସ ଗୋଟିଗୋଟି କରି ସବୁ ଗାଈ ବିକିଦେବ ସିନା, କ୍ଷୀର ବିକି ପାରିବ ନାହିଁ । ଅଭାବ ଭିତରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନାଟା ନିଲାମ ହୋଇଗଲା । ତା' ଦେହ ସହିଲା, ତଥାପି ମଧୁ ଦାସ ତଳକୁ ଖସିଯାଇ ନାହିଁ । ନା, ତା' ହୋଇପାରିବ ନାହିଁ। କାଲିଠାରୁ କ୍ଷୀର ମାଗଣା ଦିଆଯିବ। "ଗାଈ ଦୁହାଁଳ ଥିବା ପର୍ଯ୍ୟନ୍ତ କୋଠି ଖର୍ଚ୍ଚରୁ କାଟି ଏହି ଛୁଆମାନଙ୍କୁ କ୍ଷୀର ଦିଆଯିବ।"

ଓଡ଼ିଆମାନଙ୍କର ଦୁର୍ଦ୍ଦଶା ଦେଖି ଯାହାଙ୍କର ପ୍ରାଣ ସବୁବେଳେ କାନ୍ଦୁଥିଲା, ସେ କ'ଣ କେବେ ଏଭଳି କ୍ଷୀର ବିକି ପାରିଥା'ନ୍ତେ ? ଏ ମଧୁ ଦାସ କିଏ; ସେ ବିଷୟରେ ଅଧିକ କହିବାର ଆବଶ୍ୟକତା ନାହିଁ । କାରଣ ସେ ମଧୁ ବାରିଷ୍ଟର, ମିଷ୍ଟର ଦାସ୍, ମଧୁବାବୁ ଭାବେ ଓଡ଼ିଶାରେ ସବୁଠାରେ ଜଣାଶୁଣା । ଏବେ ମଧ୍ୟ ଅନେକ ଲୋକଙ୍କ ମୁହଁରୁ ଢଗଟିଏ ଶୁଣିବାକୁ ମିଳେ- "ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି", ତାଙ୍କ ପରି ପଢୁଆ ଓ ଲଢୁଆ ମଣିଷ ସେତେବେଳେ ଓଡ଼ିଶାରେ ଖୁବ୍ କମ୍ ଥିଲେ । ସେ ରେଭେନ୍ସା

କଲିଜିଏଟ୍ ସ୍କୁଲ୍‌ରୁ ପ୍ରବେଶିକା ପରୀକ୍ଷାରେ ପାସ୍ କରିବା ପରେ ପ୍ରଥମେ କଲିକତା ପଢ଼ିବାକୁ ଯାଇଥିଲେ। ସେଠାରୁ ଏମ୍.ଏ., ବି.ଏଲ୍, ପାସ୍ କରିଥିଲେ।

୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଚାଲି ଆସିଲେ । ପହିଲେ କଟକର "ବିହାରୀ ବାଗ"ରେ ରହି ଅଦାଲତରେ ଓକିଲାତି ଆରମ୍ଭ କଲେ । ପରେ ମିଶନ୍‌ରୋଡ୍‌ରେ ନିଜ ଘର ତୋଳି ଜୀବନର ଶେଷ ପର୍ଯ୍ୟନ୍ତ ସେହିଠାରେ ରହିଥିଲେ । ଏବେ ତାଙ୍କରି ଘରେ "ଶୈଳବାଳା ମହିଳା କଲେଜ" ଠିଆ ହୋଇଛି । ସେହି ହତା ଭିତରେ "ମଧୁସ୍ମୃତି" ନାମକ ଏକ କୋଠରୀ ଅଛି। ମଧୁବାବୁଙ୍କର ହାତବାଡ଼ି, ପଗଡ଼ି, ଚଷମା, ଜୋତା, ଦୋସଡ଼ା, ଶାଲ୍ ଇତ୍ୟାଦି ସବୁ ଜିନିଷ ସେଇଠି ସାଇତା ହୋଇ ରହିଛି।

୧୯୦୫ ମସିହାରେ ମଧୁବାବୁ କଟକରେ "ଉତ୍କଳଟ୍ୟାନେରୀ" ନାମରେ ଗୋଟିଏ ବିରାଟ ଜୋତା କାରଖାନା ବସାଇଥିଲେ । ସେହି କାରଖାନାରେ ଗୋରୁ, ମଇଁଷି, ମେଣ୍ଢା, ଗୋଧି ଓ କୁମ୍ଭୀର ଚମଡ଼ାରୁ ଓଡ଼ିଆ କାରିଗରମାନେ ସୁନ୍ଦର ଓ ମଜବୁତ୍ ଜୋତା ତିଆରି କରୁଥିଲେ । ଏ ଜୋତା ବହୁତ ପରିମାଣରେ ବିଦେଶକୁ ଚାଲାଣ ହେଉଥିଲା । ଦେଶ ବିଦେଶରେ ଜୋତା ପାଇଁ ଓଡ଼ିଶାର ଟେକ ଥିଲା । କାମରେ

ଟିକିଏ ଖଇଚା ଦେଖିଲେ ମଧୁବାବୁ ବିଡ଼ାବିଡ଼ା ଜୋତା ପୋଡ଼ି ଦେଉଥିଲେ । ସେଥିପାଇଁ ମଧୁବାବୁଙ୍କୁ ଟଙ୍କା ପଇସାର ଘୋର ଅଭାବ ସହିବାକୁ ପଡ଼ିଥିଲା । ଶେଷରେ କରଜ ଶୁଝି ନ ପାରିବାରୁ କାରଖାନାଟି ନିଲାମ ହୋଇଗଲା ।

ମଧୁବାବୁଙ୍କର ଶେଷ ଜୀବନରେ ସବୁବେଳେ ଦାରୁଣ ଅଭାବ ଘୋଟି ରହିଥିଲା । ହେଲେ ସେ ଅଭାବ ତାଙ୍କୁ ତିଳେ ହେଲେ ବିଚଳିତ କରି ପାରୁ ନ ଥିଲା । ଯେଉଁ ଖାଦ୍ୟ ସାଧାରଣ ଓଡ଼ିଆ ଖାଏ, ସେହି ଖାଦ୍ୟ ମଧୁବାବୁ ନିତିଦିନ ଖାଉଥିଲେ । ତା' ଥିଲା ପୋଷେ ଢିଙ୍କିକୁଟା ଉଷୁନା ଚାଉଳର ଭାତ, ଦୁଇ ଚାରିଖଣ୍ଡ ଅମୃତଭଣ୍ଡା ସିଝା, ଅଳ୍ପ କିଛି କ୍ଷୀର, ମଦରଙ୍ଗା କିମ୍ବା ହିଡ଼ିମିଚା ଶାଗ । ଚାରି ପାଞ୍ଚ ମୁଠା ଖଇ ତାଙ୍କର ସବୁଠାରୁ ଅତି ପ୍ରିୟ ଜଳଖିଆ ଥିଲା, ଯେ ମର୍ମେମର୍ମେ ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କରୁଥିଲେ; ସେ କିପରି କ୍ଷୀର ବିକିଥା'ନ୍ତେ ଦୁଃଖୀ ଦରିଦ୍ରମାନଙ୍କୁ !

ODM
EDUCATIONAL GROUP
Changing your Tomorrow

ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ଇଂରାଜୀ ପଢ଼ୁଆ ଏମ୍.ଏ., ପ୍ରଥମ ଓକିଲ, ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତଯାତ୍ରୀ । ତାଙ୍କୁ ଦେଖିଲାମାତ୍ରେ ଯେକୌଣସି ଲୋକର ମୁଣ୍ଡ ନଇଁ ଯାଉଥିଲା । ସେ ଓଡ଼ିଶାର ଗୌରବ, ଆମ ଜାତିର ଗୌରବ, ତାଙ୍କୁ 'ଉତ୍କଳଗୌରବ' ବୋଲି କୁହାଯାଏ । ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା ଏବଂ ୧୯୩୪ ମସିହା ଫେବୃୟାରୀ ୪ ତାରିଖ ଦିନ କଟକରେ ତାଙ୍କର ମୃତ୍ୟୁ ହେଲା ।

ODM EDUCATIONAL GROUP
Changing your Tomorrow

# ଅଧ୍ୟୟନରୁ ଲବ୍ଧ ଜ୍ଞାନର ଫଳାଫଳ

ଭାରତର □□□□ଧୀନତା ସଂଗ୍ରାମରେ ଥିବା
ଓଡିଶାର ବରପୁତ୍ରଙ୍କ ବିଷୟରେ ସମ୍ୟକ ଧାରଣା

# ଗୃହ କର୍ମ



ଘରେ **"ହଜିଲା ଦିନର କଥା"** ଟିକୁ ଭଲଭାବରେ ପଢ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP